# Akashvani, Sambalpur

# SAMBALPURI NEWS MORNING BULLETIN

## 16 July 2026 - 6.47- 6.52 am.

---

ଘୋଷଯାତ୍ରା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ଶ୍ରୀ ଜଗନ୍ନାଥ ମାହାପୁରୁଙ୍କର୍ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେଉଛେ । ଇଥିର୍‌ଲାଗି ପୁରୀ ବଡ଼ଦାଣ୍ଡ ଭକ୍ତମୟ ହେଇଉଠିଛେ । ପହଣ୍ଡି ଆଘୋନୁ ସେବାୟତ୍‌ମାନେ ଇହାଦେ ମାହାପୁରୁମାନ୍‌କର୍ ନୀତିକାନ୍ତି କରୁଛନ୍ ।

ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ, ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ଆର୍ ଦେବୀ ସୁଭଦ୍ରାଙ୍କର୍ ଦର୍ପଦଳନ ରଥକେ ଗଲାକାଏଲ୍‌ନୁ ସିଂହଦ୍ୱାର ସାମ୍ନାକେ ଅନାଯାଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍‌ର ନୀତିନିର୍ଘଂଟ ଅନ୍‌ସାରେ ଆଏଜ୍ ସଖାଲୁ ମଙ୍ଗଲ୍ ଆଲ୍‌ତୀ, ମଇଲମ, ତଡ଼ପଲାଗି, ଅବକାଶ, ସୂର୍ଯ୍ୟପୂଜା ନୀତି ଉତ୍‌ରୁ ମାହାପୁରୁମାନ୍‌କର୍ ବେଶ ଚାଲିଛେ । ତାର୍ ଉତ୍‌ରୁ ଗୋପାଳବଲ୍ଲଭ ଆଉ ସକାଳଧୂପଥି ଖିଚିଡ଼ି ଭୋଗ ଲାଗି ହେବା ।

ସଖାଲର୍ ୯ ବଜେ ତିନ୍‌ହି ରଥକେ ପ୍ରତିଷ୍ଠା କରାଯିବାର୍ ଉତ୍‌ରୁ ସାଢ଼େ ୯ ବଜେନୁ ମାହାପୁରୁମାନ୍‌କର୍ ପହଣ୍ଡି ବିଜେ ମୁଲ୍ ହେବା । ଦଇତାପତି ଆଉ ଅଲ୍‌ଗା ସେବାୟତ୍‌ମାନେ ମାହାପୁରୁମାନ୍‌କୁ ଧାଡ଼ିପହଣ୍ଡିଥି ନେଇକରି ରଢ଼ାରୁଢ଼ କର୍‌ବେ । ମଦନ୍ ମୋହନ୍ ଆଉ ରାମକୃଷ୍ଣଙ୍କର୍ ଭିଲ୍ ପହଣ୍ଡି କରାଯିବା । ତାର୍ ଉତ୍‌ରୁ ରଥଉପ୍‌ରେ ଶ୍ରୀବିଗ୍ରହମାନ୍‌କର୍ ଚିତାଲାଗି ଆଉ ବେଶଲାଗି ନୀତି ହେବା । ୨ ନୁ ୩ ବଜେ ଭିତ୍‌ରେ ଗଜପତି ମହାରାଜ୍‌ଙ୍କର୍ ଛେରାପହଁରା ନୀତି ଉତ୍‌ରୁ  ଉପର୍‌ବେଲା ୪ ବଜେ ରଥ୍‌ଘିଚା ମୁଲ୍ କର୍‌ବାର୍‌କେ ନୀତିନିର୍ଘଂଟ ହେଇଛେ ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅବ୍‌ସରେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ସାରା ପୁର୍‌ଥି ନ ଥିବା ଜଗନ୍ନାଥ୍ ପ୍ରେମୀଙ୍କୁ ଶୁଭେଚ୍ଛା ଜନାବାର୍ ସହେତେ ସମାଜ୍ ନ ଇଟା ଶାନ୍ତି, ମୈତ୍ରୀ, ପ୍ରେମ୍ ଆଉ ଭାତୃଭାବ୍ ପ୍ରତିଷ୍ଠାଥି ସାହାଜ୍ କରୁ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ରଥଯାତ୍ରା ଅବ୍‌ସରେ ରାଜ୍ୟର୍ ଲୁକ୍‌କୁ ଆଉ ପୁର୍‌ଥିର୍ ଚାର୍‌ହିଆଡ଼େ ଥିବା ମହାପ୍ରଭୁଙ୍କର୍ ଭକ୍ତଆଉ ଶ୍ରଦ୍ଧାଳୁମାନ୍‌କୁ ଶୁଭେଚ୍ଛା ଜନାବାର୍ ସହେତେ ଓଡ଼ିଆ ଜାତିର୍ ଆରାଧ ଦେବତା ମାହାପ୍ରଭୁ ଶ୍ରୀ

ଜଗନ୍ନାଥଙ୍କର୍ ଆଶିର୍ବାଦ୍‌ଥି ରାଜ୍ୟର୍ ବିକାଶ୍ ସହେତେ ସମ୍‌କର୍ ଜୀବନ୍ ସୁଖ, ଶାନ୍ତି ଆଉ ସମୃଦ୍ଧିଥି ଭରିଯାଉ ବଲି କହିଛନ୍ ।

ସୁରକ୍ଷିତ୍ ପର୍ଯ୍ୟଟକ୍ ଅଭିଯାନ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶାକେ ଗୁଟେ ନିରାପଦ୍ ଆଉ ଦାୟିତ୍ୱପୂର୍ଣ୍ଣ ପର୍ଯ୍ୟଟନ୍ ଗନ୍ତବ୍ୟସ୍ଥଲୀ ବନାବାର୍ ଲାଗି ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ତର୍‌ଫୁ ଓଡ଼ିଶା ଅଗ୍ନିଶମ ସେବା ଆଉ ଜାତୀୟ ଜଲକ୍ରୀଡ଼ା ସଂସ୍ଥାର୍ ସହଯୋଗ୍‌ଥି ପୁରୀ ଠାନେ ସୁରକ୍ଷିତ୍ ପର୍ଯ୍ୟଟକ୍ ଅଭିଯାନ୍‌ର ଶୁଭାରମ୍ଭ ହେଇଛେ । ପୁରୀର ଦିଗବାରେଣୀ ସମୁଦ୍ରଖଁଡ଼ି ଇଲାକା ନ ଗୁଟେ ନୂଆଁ ଉଦ୍ଧାର୍ କେନ୍ଦ୍ର ଆଉ ୱାଚ୍ ଟାୱାର୍‌ର ଭିଲ୍ ଇ ଅବ୍‌ସରେ ଶିଲାନ୍ୟାସ୍ କରାଯାଇଛେ । ଉପ-ମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍‌ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇତାର୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଅନ୍ତର୍ଜାତୀୟ ମାନଦଣ୍ଡଥି ତାଲିମ୍ ପୁରା କରିଥିବା ୨୦ ଝନ୍ ଲାଇଫ୍ ଗାର୍ଡ଼୍‌ଙ୍କୁ ସର୍‌କାରୀ ଲାଇସେନ୍ସ ଦିଆଯାଇଥିଲା । ଇମାନେ ଓଡ଼ିଶାର୍ ସମୁଦ୍ର ଖଁଡ଼ି ଆଉ

ଆଭ୍ୟନ୍ତରିଣ୍ ଜଲାଶୟମାନ୍‌କେ ପର୍ଯ୍ୟଟକ୍ ଆଉ ସ୍ଥାନୀୟ ଲୁକ୍‌କର୍ ସୁରକ୍ଷା ଦାୟିତ୍ୱଥି ରହେବେ ।

ମୁଖ୍ୟ ଶାସନ୍ ସଚିବ-ବୈଠକ୍       ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ଅଗ୍ରଗତିର୍ ସମୀକ୍ଷା ଲାଗି ଗଲାକାଏଲ୍ ଭୁବନେଶ୍ୱର୍ ଖାରବେଳ ଭବନ୍ ନ ଥିବା ସଚିବାଳୟ ସମ୍ମିଳନୀ କକ୍ଷ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଉନ୍ନୟନ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ବରିଷ୍ଠ ଅଧିକାରୀମାନେ ଇଥି ଯୋଗ୍ ଦେଇଥିଲେ । ବୈଠକ୍‌ଥି ଆନ୍ତଃବିଭାଗୀୟ ତାଲ୍‌ମେଲ୍ ବଢ଼ାବାର୍ ଆଉ ଚାଲୁଥିବା କାମ୍ ମାନ୍‌କୁ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ମୁଖ୍ୟ ଶାସନ୍ ସଚିବ ରଥଯାତ୍ରାର୍ ସୁପରିଚାଳନା ଲାଗି ସବୁ ବିଭାଗ୍‌କେ ଜରୁରୀ ସେବା ଯୁଗେଇ ଦେବାର୍‌କେ ନିର୍ଦ୍ଦେଶ୍ ଦେଇଥିଲେ । ସୁଭଦ୍ରା, ଲକ୍ଷପତି ଦିଦି

ଯୋଜ୍ନା ଜରିଏ ମହିଳାମାନ୍କର୍ ଆର୍ଥିକ ସଶକ୍ତିକରଣ୍ ବାବ୍ଦେ ଭିଲ୍ ବୈଠକ୍ଥି ଆଲୋଚନା ହେଇଥିଲା ।

ମନ୍ କି ବାତ୍ ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍କର୍ ସାଙ୍ଗେ ବିଚାର୍ ବିନିମୟ କର୍ବେ । ଇଟା ତାଙ୍କର୍ ୧୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍ଥି ସେମାନ୍କର୍ ମତାମତ୍ ଦେଇପାର୍ବେ । ଇତାର୍ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ୍ କରେଇପାର୍ବେ । ୧୯୨୨ ନମ୍ବର୍କେ ମିସଡ୍ କଲ୍ ଦେଇକରି ଏସ୍ଏମ୍ଏସ୍ ଜରିଏ ଆଏବା ୨୪ ତାରିଖତକ୍ ଲୁକେ ନିଜର୍ ମତାମତ୍ ଦେଇପାର୍ବେ ।

ଚକ୍ରଧର୍ ବେହେରା- ଜୟନ୍ତୀ        ଆଇ ଆଣ୍ଡ୍ ପି.ଆର୍

ମହାନ୍ ବିପ୍ଳବୀ ଚକ୍ରଧର୍ ବେହେରାଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ଆଏଜ୍ ପାଲନ୍ କରାଯିବା । ସଖାଲ୍‌ବେଲା ଭୁବ୍‌ନେଶ୍ୱର୍ ରାଜଭବନ୍ ଛକ୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତିଥି ବିଶିଷ୍ଟ ଅତିଥି ମାନେ ମାଲ୍ୟାର୍ପଣ୍ କର୍‌ବେ । ଇ ଅବ୍‌ସରେ ଭଦ୍ରକ୍ ସଂସ୍କୃତିଭବନ୍ ଠାନେ ହେବାର୍‌କେ ଥିବା ସାଧାରଣ୍ ସଭାଥି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଘାସିରାମ୍ ମାଝୀ ଜୟନ୍ତୀ        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଘାସିରାମ୍ ମାଝୀ ସ୍ମୃତି ପରିଷଦ୍ ତର୍‌ଫୁ ନୂଆପଡ଼ା ଜିଲ୍ଲାର୍ ପ୍ରତିଷ୍ଠାତା ଆଉ ବର୍ଷିଆନ୍ ଜନନାୟକ୍ ସ୍ୱର୍ଗତ ଘାସିରାମ୍ ମାଝୀଙ୍କର୍ ଜୟନ୍ତୀ ଗଲାକାଏଲ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ନୂଆପଡ଼ା ବିଧାୟକ୍ ଜୟ ଢୋଲ୍‌କିଆ ମୁଖ୍ୟଅତିଥି

ଭାବେ ଯୋଗ୍ ଦେଇକରି ଘାସିରାମ୍ ମାଝୀଙ୍କର୍ ରାଜନୈତିକ୍ ଜୀବନ୍, ଆଦିବାସୀ ମାନ୍‌କର୍ ସୁରକ୍ଷା, ସମାଜ୍‌ର ଶେଷ୍ ବ୍ୟକ୍ତିଙ୍କର୍ ବିକାଶ୍, ସ୍ୱାସ୍ଥ୍ୟ, ଶିକ୍ଷା ଆଉ ଯୋଗାଯୋଗ୍ କ୍ଷେତ୍ରଥି ତାଙ୍କର୍ ଅବଦାନ୍ ବାବ୍‌ଦେ ଆଲୋଚନା କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗି କରି ଥିବା ଦକ୍ଷିଣ ବାଂଲାଦେଶ୍ ଉପ୍‌ରେ ହେଇଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଉତର୍ ଓଡ଼ିଶା- ପଶ୍ଚିମବଙ୍ଗ ସମୁଦ୍ରଖଁଡ଼ି ପାଖାପାଖି ଉତର୍- ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ହେଇଛେ । ଆଏବାକାଏଲ୍‌ତକ୍ ଉତର୍ ଓଡ଼ିଶା ଆଉ ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇକରି ପଶ୍ଚିମ- ଉତର ପଶ୍ଚିମ ଦିଗ୍‌କେ ଯିବାର୍ ସମ୍ଭାବନା ଅଛେ । ଲଘୁଚାପ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଲଗାଏତ୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ୍, ଅନୁଗୁଲ୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଜିଲ୍ଲା

ନ ଜବର୍ ବର୍ଷା ହେବା ବଲି ସତର୍କ ସୂଚ୍ନା ଜାରି କରାଯାଇଛେ । ସେଆଡ୍ େ ପୁରୀ ଆଉ ଜଗତ୍ସିଂହପୁର୍ ଜିଲ୍ଲା ନ ଆଏଜ୍ ଜବର୍ନୁ ଅତି ଜବର୍ ବର୍ଷା ହେବା ବଲି କେନ୍ଦ୍ର ତର୍ଫୁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ୍ େ ହୀରାକୁଦ୍ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୯ ଦଶ୍ମିକ ୬/୯ ଫୁଟ୍ ରହିଥିବାର୍ ବେଲେ ଜଲ୍ଭଣ୍ଡାର୍ର ସବୁ ଗେଟ୍ ବନ୍ଦ୍ କରାଯାଇଛେ ।